# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 October - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ପଞ୍ଚମ ଜାତୀୟ ଜଳ ପୁରସ୍କାର ୨୦୨୩ ପ୍ରଦାନ କରିବେ ରାଷ୍ଟ୍ରପତି

— ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବେ ମନୋନୀତ

- ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ଜିଏସ୍‌ଟି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ମନ୍ତ୍ରୀସ୍ତରୀୟ କମିଟିର ସୁପାରିଶ

- ଅଷ୍ଟିଓପୋରୋସିସ୍ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଏବଂ

- କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ

— ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବଜ୍ରପାତ ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

## ରାଷ୍ଟ୍ରପତି- ନ୍ୟାସନାଲ ଓ୍ୱାଟର ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ପଞ୍ଚମ ଜାତୀୟ ଜଳ ପୁରସ୍କାର-୨୦୨୩ ପ୍ରଦାନ କରିବେ। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୯ଟି ବର୍ଗରେ ୩୮ ଜଣଙ୍କୁ ବିଜେତା ଭାବେ ମନୋନୀତ କରାଯାଇଛି। ୯ଟି ବର୍ଗ ମଧ୍ୟରେ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଜଳ ଉପଭୋକ୍ତା ସଂଘ, ନାଗରିକ ସମାଜ ଆଦି ଅନ୍ତର୍ଭୁକ୍ତ। ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ, ଗୁଜୁରାଟ ଓ ପୁଡୁଚେରୀ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ମାନପତ୍ର ଓ ଟ୍ରଫି ସହ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ଅର୍ଥ ପ୍ରଦାନ କରାଯିବ। ଜଳ ପରିଚାଳନା ଏବଂ ସଂରକ୍ଷଣ ସମ୍ପର୍କରେ ଜାତୀୟସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଏଭଳି ବ୍ୟାପକ ଅଭିଯାନକୁ ହାତକୁ ନେଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି।

## ପ୍ରବାସୀ ଭାରତୀୟ ଦିବସ

ଓଡ଼ିଶାରେ ଆସନ୍ତା ଜାନୁୟାରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ୧୮ତମ ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରାଯିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଭୁବନେଶ୍ୱରର ଜନତା ମୈଦାନଠାରେ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବରିଷ୍ଠ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ

ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ, ୧୯୧୫ ମସିହା ଜାନୁୟାରୀ ୯ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆଗମନର ସ୍ମରଣ କରି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଦେଶର ବିକାଶ ଦିଗରେ ପ୍ରବାସୀ ଭାରତୀୟ ସମୁଦାୟର ଅବଦାନକୁ ଗୁରୁତ୍ୱ ପ୍ରଦାନ କରାଯାଇ ୨୦୦୩ ମସିହାରୁ ଭାରତ ଏହି ଦିବସ ପାଳନ କରିଆସୁଛି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଶେଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା।

## ଜିଏସ୍‌ଟି

ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ସମ୍ପୂର୍ଣ୍ଣ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ମନ୍ତ୍ରୀସ୍ତରୀୟ କମିଟି ସୁପାରିଶ କରିଛି।  ଜିଏସ୍‌ଟି ପରିଷଦକୁ ସୁପାରିଶ କରାଯାଇଥିବା ନିଷ୍ପତ୍ତି ଅନୁସାରେ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଏବଂ ବରିଷ୍ଠ ନାଗରିମାନଙ୍କ ସ୍ୱାସ୍ଥ୍ୟବୀମା ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରାଯାଇଛି। ହେଲେ, ୫ ଲକ୍ଷରୁ ଅଧିକ ଟଙ୍କାର ସ୍ୱାସ୍ଥ୍ୟବୀମା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ପୂର୍ବଭଳି ଲାଗୁ ରହିବ। ଏହାବ୍ୟତୀତ ୨୦ ଲିଟର ପାଣିବୋତଲ, ସାଇକେଲ ଏବଂ ନୋଟ୍‌ବୁକ୍ ଉପରେ ଜିଏସ୍‌ଟି  ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ମନ୍ତ୍ରୀସ୍ତରୀୟ କମିଟି ପ୍ରସ୍ତାବ ଦେଇଛି। ସୂଚନାଯୋଗ୍ୟ, ଗତକାଲି ନୂଆଦିଲ୍ଲୀରେ ଜିଏସ୍‌ଟି ସମ୍ପର୍କିତ ମନ୍ତ୍ରୀ ପରିଷଦର ବୈଠକ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

## ନୂଆ ନର୍ସିଂ କଲେଜ୍

ଯାଜପୁର, ବାଲେଶ୍ୱର, ବଲାଙ୍ଗିର, ବାରିପଦା, ପୁରୀ, କୋରାପୁଟ ଓ ତାଳଚେର ମେଡିକାଲ କଲେଜ୍ ପରିସରରେ ନର୍ସିଂ କଲେଜ୍ ଖୋଲିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି। କେନ୍ଦ୍ର ସରକାର ପ୍ରତ୍ୟେକ ନର୍ସିଂ କଲେଜ ପାଇଁ ୧୦ କୋଟି ଟଙ୍କା ବଜେଟ୍ ମଞ୍ଜୁର କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ନୂଆ ୭ଟି ନର୍ସିଂ କଲେଜ୍ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ରିପୋର୍ଟ ପଠାଯାଇଛି। କେନ୍ଦ୍ର ସରକାରଙ୍କର ଅନୁମତି ମିଳିବା ପରେ ନୂଆ ନର୍ସିଂ କଲେଜ୍‌ଗୁଡ଼ିକ ଖୋଲିବ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ନୂଆ ସରକାରୀ ନର୍ସିଂ କଲେଜ୍ ଖୋଲିବା ପାଇଁ ୬୦ ପ୍ରତିଶତ ଅର୍ଥ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବେ।

## ଚିକିତ୍ସା ଗବେଷଣା ସଂସ୍ଥାନ

ଭୁବନେଶ୍ୱର ଉପକଣ୍ଠ ଜଟଣୀଠାରେ ରାଷ୍ଟ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଗବେଷଣା ସଂସ୍ଥାନ ପ୍ରତିଷ୍ଠା ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଆସନ୍ତା  ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଂସ୍ଥାନର ଶିଳାନ୍ୟାସ କରିବାର ସମ୍ଭାବନା ରହିଛି। ରାଷ୍ଟ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଗବେଷଣା ସଂସ୍ଥାନ ପ୍ରତିଷ୍ଠା ପରିକଳ୍ପନାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର

ସ୍ୱାଧୀନ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରତାପ ରାଓ ଯାଦବ ସମ୍ମତି ପ୍ରଦାନ କରିଥିବାରୁ ଶ୍ରୀମତୀ ଷଡଙ୍ଗୀ ସେମାନଙ୍କୁ ଧନବାଦ ଜଣାଇଛନ୍ତି। ଯୋଗ ଓ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଏହି ସଂସ୍ଥାନ ପ୍ରମୁଖ କେନ୍ଦ୍ର ହେବ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।

## ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ପାଳନ କରାଯାଉଛି। ଅଷ୍ଟିଓ ଅର୍ଥ ହାଡ ଓ ପୋରୋସିସ୍‌ର ଅର୍ଥ ଛିଦ୍ରଯୁକ୍ତ। ଯେଉଁ ରୋଗୀଙ୍କର ହାଡ ଛିଦ୍ରଯୁକ୍ତ ହୋଇଥାଏ ସାଧାରଣତଃ ଡାକ୍ତରମାନେ ଏହି ରୋଗକୁ ଅଷ୍ଟିଓପୋରୋସିସ୍ ବୋଲି କହିଥାନ୍ତି। ବିଶେଷଭାବରେ ବୟସ ବୃଦ୍ଧି ପାଇଲେ ଏବଂ ବଂଶଗତ ପ୍ରଭାବ ରହିଥିଲେ ଅଷ୍ଟିଓପୋରୋସିସ୍ ଲକ୍ଷଣ ଦେଖାଦେଇଥାଏ। ଅଷ୍ଟିଓପୋରୋସିସ୍ ରୋଗୀର ହାଡ ଛିଦ୍ରଯୁକ୍ତ ହୋଇଥିବାରୁ ତାହା ଦୁର୍ବଳ ଏବଂ ଶକ୍ତିହୀନ ହୋଇଥାଏ। ଅଷ୍ଟିଓପୋରୋସିସ୍ ପୀଡିତ ଜଣେ ବ୍ୟକ୍ତିଠାରେ ଅଣ୍ଟାବ୍ୟଥା ଏବଂ ମେରୁ ହାଡର କ୍ଷୟ ଆଦି ସ୍ୱାଭାବିକ ଲକ୍ଷଣ ଦେଖାଯାଏ। ଅଷ୍ଟିଓପୋରୋସିସ୍ ରୋଗରୁ ରକ୍ଷା ପାଇବା ପାଇଁ ଜଣେ ବ୍ୟକ୍ତି କ୍ଷୀର, ଦହି, ଛେନା ଆଦି କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ସହିତ ଶରୀରର ଓଜନକୁ ସନ୍ତୁଳିତ ରଖିବା ନିହାତି ଆବଶ୍ୟକ।

## ବିଶ୍ୱ ପରିସଂଖ୍ୟାନ ଦିବସ

ଦେଶର ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ପରିସଂଖ୍ୟାନ ନିହାତି ଆବଶ୍ୟକ। ମିଳିତ ଜାତିସଂଘର ପରିସଂଖ୍ୟାନ ଆୟୋଗଙ୍କ ମାର୍ଗଦର୍ଶନରେ

ଆଜିର ଦିନକୁ ୨୦୧୦ ମସିହାଠାରୁ ପ୍ରତି ୫ ବର୍ଷରେ ଥରେ ବିଶ୍ୱ ପରିସଂଖ୍ୟାନ ଦିବସ ଭାବେ ପାଳନ କରାଯାଉଛି। ଅନ୍ୟପକ୍ଷରେ ଭାରତ ସରକାର ଜାତୀୟ ପରିସଂଖ୍ୟାନ ଦିବସକୁ ଜୁନ୍ ମାସ ୨୯ ତାରିଖରେ ପାଳନ କରିଥାନ୍ତି।

## ହାରାହାରି ଆୟ

ଦେଶରେ ପରିବାରଗୁଡ଼ିକର ଗତ ୫ ବର୍ଷ ମଧ୍ୟରେ  ହାରାହାରି ମାସିକ ଆୟ ୫୭ ଦଶମିକ ୬ ପ୍ରତିଶତ ବୃଦ୍ଧି ପାଇଛି। ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ ନାବାର୍ଡ ପକ୍ଷରୁ ଦ୍ୱିତୀୟ ସର୍ବଭାରତୀୟ ଗ୍ରାମୀଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସର୍ବେକ୍ଷଣ ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ ବାର୍ଷିକ ଆୟ କ୍ଷେତ୍ରରେ ୯ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ପରିବାରଗୁଡ଼ିକରେ ହାରାହାରି ମାସିକ ଖର୍ଚ୍ଚ ମଧ୍ୟ ତୁଳନାତ୍ମକ ଭାବରେ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ଧନୁଯାତ୍ରା

ବରଗଡର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆସନ୍ତାବର୍ଷ ଜାନୁୟାରୀ ମାସ ୩ ତାରିଖରୁ ଆରମ୍ଭ ହେବ। ଧନୁଯାତ୍ରା ମହୋତ୍ସବକୁ ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋଏଲ୍‌ଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତଥର ବରଗଡ଼ ଧନୁଯାତ୍ରା ୭୭ବର୍ଷରେ ପଦାର୍ପଣ କରିବ। ଧନୁଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ ଏବଂ କଳାକାରମାନଙ୍କ ଉତ୍କୃଷ୍ଟମାନର ନିଖୁଣ ଅଭିନୟ

କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜାନୁୟାରୀ ୧୩ ତାରିଖ ଦିନ ଧନୁଯାତ୍ରା ଶେଷ ହେବ।

## କାଳୀପୂଜା

**ଭଦ୍ରକ**ରେ କାଳୀପୂଜା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାଳୀପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା  ଗ୍ରହଣ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବୈଠକରେ ସୂଚନା ଦେଇଛନ୍ତି। ଜିଲ୍ଲାରେ ଚଳିତମାସ ୩୧ ତାରିଖରୁ ଆସନ୍ତା ମାସ ୮ ତାରିଖ ପର୍ଯ୍ୟନ୍ତ କାଳୀପୂଜା ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଗଜଲକ୍ଷ୍ମୀ ପୂଜା

ଢେଙ୍କାନାଳଠାରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆଡମ୍ବର ସହକାରେ ପାଳନ କରାଯାଉଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ସହରରେ ପ୍ରାୟ ୩୮ଟି ପୂଜା ପେଣ୍ଡାଲ୍‌ରେ ଗଜଲକ୍ଷ୍ମୀ ପୂଜା କରାଯାଉଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ

**ପୁରୀ** ଜିଲ୍ଲା ଅନ୍ତର୍ଗତ ଐତିହ୍ୟ ପ୍ରକଳ୍ପର ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବିଭିନ୍ନ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ବାକିଥିବା କାର୍ଯ୍ୟ ଏବଂ ପ୍ରକଳ୍ପ ନବୀକରଣ ପାଇଁ ନୂଆ ଡିପିଆର ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମ ବିଦ୍ୟାଳୟ ନିର୍ମାଣ, ହରଚଣ୍ଡୀ ସାହି ସ୍ଥିତ ସେବାୟତମାନଙ୍କ ଆବାସିକ ପ୍ରକଳ୍ପ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ କୋଠା ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଘର ଓ ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ବିକାଶ, କୋଣାର୍କ ଐତିହ୍ୟ ଅଞ୍ଚଳ ବିକାଶ ପ୍ରକଳ୍ପ, ମୂଷା ନଦୀର ପୁନଃରୁଦ୍ଧାର, ପୁରୀ ହ୍ରଦର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ, ଦିଗବାରେଣୀର ବହୁମୁଖୀ ଯାନ ରହଣି ସ୍ଥଳ, ଆଚାର୍ଯ୍ୟ ହରିହର ଛକରୁ ଜାତୀୟ ରାଜପଥ ୩୧୬ ପର୍ଯ୍ୟନ୍ତ ରାସ୍ତାର ବିକାଶ, ସିପସରୁବାଲି ଗାଡି ପାର୍କିଂ, ସମୁଦ୍ର କୂଳରେ ଜୈବ ଶୌଚାଳୟ ନିର୍ମାଣ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

# ପାଣିପାଗ

କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗକୁ କ୍ରମଶଃ ଗତି କରି ଆସନ୍ତା ବୁଧବାର ୨୩ ତାରିଖ ସୁଦ୍ଧା ଅବପାତ ରୂପ ନେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ତାରିଖ ସୁଦ୍ଧା ଏହା ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଦେଇ ଗତି

କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପବନର ବେଗ ୧୦୦ ରୁ ୧୨୦ କିଲୋମିଟର ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ଉପକୂଳ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ଲଘଚାପ ସୃଷ୍ଟି ହେବା ପରେ ବାତ୍ୟା ପ୍ରଭାବ ନେଇ ସ୍ପଷ୍ଟ ଜଣାପଡିବ ବୋଲି ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଆସନ୍ତା ୧୨ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ଅନୁମାନ କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

******************************